**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୮୭, ଫା.ନଂ-୨୩୦୦୫୭୮୭**

**ବି.ଜେ.ପି ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହଙ୍କ ପ୍ରେସ ଇସ୍ତାହାର ।**

**ତା.୧୧.୦୫.୨୦୧୩, ନୂଆ ଦିଲ୍ଲୀ**

**ଦୁର୍ନୀତିର ଚରମ ଅବସ୍ଥା ଓ ତାହା ଉପରେ ପରଦା ।**

ଉ.ପା ସରକାର ଆଜି ପ୍ରାୟ ୫୫୦ ଟ୍ରିଲିୟନ ଟଙ୍କା ମୂଲ୍ୟର ଘୋଟାଲା କରିବା ପାଇଁ ସର୍ବ ବିଦ୍ଦିତ ହୋଇଛନ୍ତି ଓ ମନେହୁଏ ସ୍ୱାଧୀନତାର ପରବର୍ତ୍ତୀ ସମସ୍ତ ସରକାରଙ୍କ ମଧ୍ୟରୁ ଏହା ଭ୍ରଷ୍ଟାଚାରରେ ଶୀର୍ଷ ସ୍ଥାନ ଅଧିକାର କରିଅଛି । ଯାହାର ଫଳ ସ୍ୱରୂପ ଦେଶ ଆଜି ସଙ୍କଟ ମୟ ପରିସ୍ଥିତିରେ ଉପନୀତ । ହେଲେ ସବୁଠାରୁ ଦୁର୍ଭାଗ୍ୟକର ଘଟଣା ହେଉଛି, ଉ.ପା ସରକାର ପ୍ରତ୍ୟେକ କ୍ଷେତ୍ରରେ ଆରୋପିତ ବ୍ୟକ୍ତିର ଦୋଷ ଘୋଡ଼ାଇବାକୁ ଚେଷ୍ଟା କରନ୍ତି ଏବଂ ଶେଷରେ ଉପାୟ ନପାଇ ଯେତେବେଳେ ତାହା ବିରୋଧରେ ଯେଉଁ ପଦକ୍ଷେପମାନ ଗ୍ରହଣ କରନ୍ତି ତାହା ମଧ୍ୟ ସାମାନ୍ୟ ମାତ୍ର ।

ଗତ କାଲି ଦୁଇ ଜଣ କ୍ୟାବିନେଟ ମନ୍ତ୍ରୀ ଦୁର୍ନୀତି ଆରୋପରେ ଆରୋପିତ ହୋଇ ଇସ୍ତଫା ପ୍ରଦାନ କରିଛନ୍ତି । ସରକାର ନିଜ ବଜେଟ ଅଧିବେଶନରୁ ବଞ୍ଚିବାକୁ ଯାଇ ସେ ଦୁଇ ଜଣ ମନ୍ତ୍ରୀଙ୍କୁ ବଳି ପକାଇ ନାହାନ୍ତି ତ ? ଯେଉଁଠି ଖାଦ୍ୟ ସୁରକ୍ଷା ବିଲ, ଜମି ଦଖଲ ବିଲ ଆଦି ବିଭିନ୍ନ ମୁଖ୍ୟ ଘଟଣାମାନ ଆଲୋଚନା ହେବାକୁ ଖାକ ମରା ହୋଇ ରହିଅଛି । ହେଲେ ସରକାର ଖାଲି ଅକାରଣରେ ସମୟ ବ୍ୟୟ କରିବାରେ ଲାଗିଛନ୍ତି ।

ରେଳ ମନ୍ତ୍ରୀଙ୍କର ଦୋଷ ଥାଇ ମଧ୍ୟ ପ୍ରଧାନ ମନ୍ତ୍ରୀ ଡ଼ଃ ମନମୋହନ ସିଂହ ଯେପରି ତାହଙ୍କୁ ରକ୍ଷା କରିବାରେ ଲାଗିଥିଲେ ତାହା ନେଇ ମଧ୍ୟ ବହୁ ପ୍ରଶ୍ନ ଉଠେ । କଂଗ୍ରେସ ପାର୍ଟି ଦୀର୍ଘ ୧୭ ବର୍ଷର ବିରାମ ପରେ ରେଳ ମନ୍ତ୍ରାଳୟର ଦାୟିତ୍ୱ ବହନ କରିଅଛି ଏବଂ ତାହାର ଫଳ ସ୍ୱରୂପ ରେଳ

ମନ୍ତ୍ରାଳୟରେ ହେଉଥିବା ନୂତନ ନିଯୁକ୍ତି ନେଇ ବିଭିନ୍ନ ପ୍ରକାରର ଦୁର୍ନୀତି ହେବା ସହ ଯାତ୍ରୀଭଡ଼ା ମଧ୍ୟ ବୃଦ୍ଧି ପାଇଚାଲିଛି ।

**ଆଜି ସମସ୍ତ ବ୍ୟବସ୍ଥା ସଙ୍କଟମୟ ଅବସ୍ଥାରେ ।**

ମାନ୍ୟବର ସୁପ୍ରିମ କୋର୍ଟ ଯେପରି ଭାବରେ ସି.ବି.ଆଇ କୁ ସରକାରଙ୍କ ପୋଷା ଶୁଆ ବୋଲି ଅଖ୍ୟା ଦେଇଛନ୍ତି ବି.ଜେ.ପି ତାହାକୁ ସମସ୍ତଙ୍କ ନଜରକୁ ଆଣିବାକୁ ଚାହୁଁଅଛି । ଆଜି ସି.ବି.ଆଇ କୁ ନିଜର କାର୍ଯ୍ୟପନ୍ଥାକୁ ଲ ଅଫିସର ଓ ପି.ଏମ.ଓ ର କାର୍ଯ୍ୟକର୍ତ୍ତାଙ୍କ ସହ ଏକାଠି କରିବା ପାଇଁ ବାଧ୍ୟ କରାଯାଉଅଛି । ଏପରିକି ମାନ୍ୟବର ସୁପ୍ରିମ କୋର୍ଟ କୋଲଗେଟର ରିପୋର୍ଟକୁ କୋର୍ଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଶ୍ରୀ ଅଶ୍ୱିନୀ କୁମାର ଓ ପି.ଏମ ଓ କାର୍ଯ୍ୟାଳୟର କାର୍ଯ୍ୟକର୍ତ୍ତାମାନେ  ସି.ବି.ଆଇକୁ ରିପୋର୍ଟର କେତେକ ମୁଖ୍ୟ ତଥ୍ୟ ଦେବାକୁ ବାଧ୍ୟ କରାଇଥିଲେ । ତେଣୁ ଉ.ପା ସରକାରଙ୍କ ଦ୍ୱାରା ଦେଶର ନ୍ୟାୟିକ ପନ୍ଥା ଉପରେ ଏହା ଏକ ବିରାଟ କୁଠାରଘାତ କହିଲେ ମଧ୍ୟ ଭୂଲ ହେବ ନାହିଁ । ସରକାରଙ୍କୁ ଜାଣି ରଖିବାକୁ ହେବ କି, ଗଣତନ୍ତ୍ର ଶାସନରେ ନ୍ୟାୟିକ ପନ୍ଥାର ସ୍ଥାନ ହେଉଛି ସର୍ବୋତ୍ତମ ।

ମାନ୍ୟବର ସୁପ୍ରିମ କୋର୍ଟର ନିରୀକ୍ଷଣ ପରେ କେବଳ ଆଇନ ମନ୍ତ୍ରୀ ସନ୍ଦେହର ଘେରକୁ ଆସି ନାହାନ୍ତି ବରଂ ପ୍ରଧାନ ମନ୍ତ୍ରୀଙ୍କ ଆସନ ମଧ୍ୟ ଟଳ ମଳ ଅବସ୍ଥାରେ । କାରଣ ତଥ୍ୟର ମୁଖ୍ୟ ଜିନିଷକୁ ଲ ମନ୍ତ୍ରୀ ଓ ପି.ଏମ.ଓ  ଅଫିସର କାର୍ଯ୍ୟକର୍ତ୍ତାମାନେ ହିଁ ପରିବର୍ତ୍ତନ କରିଥିଲେ । ଏହା ପ୍ରଧାନ ମନ୍ତ୍ରୀ ଡ଼ଃ ସିଂହ ନିଜେ କୋଇଲା ମନ୍ତ୍ରାଳୟର ଦାୟିତ୍ୱରେ ଥିବା ବେଳେ ହିଁ ଘଟିଥିଲା । ତେଣୁ ଯଦି ଶ୍ରୀ ଅଶ୍ୱିନୀ କୁମାରଙ୍କୁ ସି.ବି.ଆଇକୁ ତଥ୍ୟ ଦେବା ଲାଗି ଇସ୍ତଫା ଦେବାକୁ ହୁଏ ତେବେ କାହିଁକି ପି.ଏମ.ଓ ର ଅନ୍ୟ କାର୍ଯ୍ୟକର୍ତ୍ତାମାନେ ପ୍ରତ୍ୟୁତ୍ତର ନଦେବେ ?

ଟୁ-ଜି ସ୍କାମ ହେଉ ବା କୋଲଗେଟ ହେଉ ସବୁଥିରେ ପି.ଏମ.ଓ ର କାର୍ଯ୍ୟକର୍ତ୍ତାମାନଙ୍କର ଭୂମିକା ସନ୍ଦେହ ଜନକ ହୋଇ ରହିଅଛି । ଯାହାକି ଶ୍ରୀ ଅଶ୍ୱିନୀ କୁମାରଙ୍କର ଇସ୍ତଫା ଦେବା ପରେ ପଦାରେ ପଡ଼ିଯାଇଛି । ବି.ଜେ.ପି ବିଶ୍ୱାସ କରେ କି, କେବଳ ପ୍ରଧାନ ମନ୍ତ୍ରୀଙ୍କୁ ବଞ୍ଚାଇବାକୁ ଯାଇ ଶ୍ରୀ ପଓ୍ୱନ ବଂଶଲ ଓ ଶ୍ରୀ ଅଶ୍ୱିନୀ କୁମାରଙ୍କୁ ବଳି ଚଢ଼ା ଯାଇଛି ।

-ପି.ଏମ.ଓ ଅଫିସିଆଲଙ୍କ ଉପସ୍ଥିତିରେ କାହିଁକି ଲ ମନ୍ତ୍ରୀଙ୍କ ଦ୍ୱାରା ରିପୋର୍ଟ ପରିବର୍ତ୍ତନ କରାଗଲା ?

-ପ୍ରଧାନ ମନ୍ତ୍ରୀ ନିଜେ କୋଇଲା ମନ୍ତ୍ରାଳୟ ଦାୟିତ୍ୱରେ ଥିବା ବେଳେ ଉକ୍ତ ଆବଣ୍ଟନ ନେଇ ଯେଉଁ ଦୁର୍ନୀତି ହୋଇଥିଲା, ଏହା ତାହା ଉପରେ ପରଦା ପକାଇବା ଭଳି ଘଟଣା ନୁହେଁ ତ ?

-ତଦନ୍ତ ସମୟରେ କାହିଁକି ଜେ.ପି.ସି ଶ୍ରୀ ଏ.ରାଜାଙ୍କୁ କମିଟିକୁ ଆସିବାକୁ ଅନୁମତି ଦେଇ ନଥିଲା ?

-କାହିଁକି ପ୍ରଧାନ ମନ୍ତ୍ରୀ ଜେ.ପି.ସି କୁ ଆସିବାକୁ ଇଚ୍ଛା ପ୍ରକାଶ କରି ନଥିଲେ ?

ଏ ସମସ୍ତ ପ୍ରଶ୍ନର କୌଣସି ସନ୍ତୋଷ  ଜନକ ଉତ୍ତର ମିଳି ନାହିଁ ।

କଂଗ୍ରେସ ସରକାରଙ୍କ ପାଇଁ ଏହା କୌଣସି ନୂତନ ଘଟଣା ନୁହେଁ । କାରଣ ପୂର୍ବତନ ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଓ ସ୍ୱର୍ଗତ ଶ୍ରୀ ପି.ଭି. ନରସିଂହା ରାଓଙ୍କ ପାଖରେ ଆମେ ଏହା ଦେଖି ଆସିଛୁ । ମାତ୍ର ବର୍ତ୍ତମାନର ଘଟଣା ଭିନ୍ନ । କାରଣ ଏଠାରେ ଦୁର୍ନୀତିରେ କେବଳ ଜଣେ ବ୍ୟକ୍ତି ସଂପୃକ୍ତ ନୁହନ୍ତି ବରଂ ପୂରା ଗୋଷ୍ଠି ବା ବ୍ୟବସ୍ଥା ହିଁ ଦୁର୍ନୀତିରେ ଲିପ୍ତ । । ଯାହା ଫଳରେ ଏ ଦେଶର ଜନତାଙ୍କର ସରକାରଙ୍କ ପାଖରୁ ଆସ୍ଥା ଓ ବିଶ୍ୱାସ ତୁଟି ଯାଇଛି । ବି.ଜେ.ପି ଏକ ଦାୟିତ୍ୱବାନ ବିରୋଧୀ ଦଳ ଭାବରେ ବିଶ୍ୱାସ କରେ କି, ଭାରତୀୟ ଗଣତନ୍ତ୍ରର ସମସ୍ତ ଷ୍ଟକ ହୋଲ୍ଡରମାନେ ରାଜନୀତିର ବିଶ୍ୱସ୍ଥତା ହାସଲ କରିବାକୁ ଦଳ ଗତ ରାଜନୀତିଠାରୁ ଖୁବ ଉର୍ଦ୍ଧ୍ୱରେ ରହିବା ଆବଶ୍ୟକ । ମୋର ପ୍ରଧାନ ମନ୍ତ୍ରୀଙ୍କୁ କହିବାର ଅଛି କି, ଏ ଦେଶର ଜନତାଙ୍କର ରାଜନୀତି ଉପରେ ପୁଣି ବିଶ୍ୱାସ ଫେରାଇ ଆଣିବା ପାଇଁ ସେ ଯେଉଁସବୁ ପଦକ୍ଷେପମାନ ଗ୍ରହଣ କରୁଛନ୍ତି  ତାହାକୁ ସୁଚାରୁ ଭାବରେ ଚିନ୍ତା କରନ୍ତୁ ଓ ସ୍ଥିର କରନ୍ତୁ । ଆଜି ସରକାର ନିଜର ସମସ୍ତ ନୈତିକତା ହରାଇବା ସତ୍ତ୍ୱେ ମଧ୍ୟ ସମାଜବାଦୀ ପାର୍ଟି ଓ ବହୁଜନ ସମାଜବାଦୀ ପାର୍ଟିଙ୍କ ସମର୍ଥନରୁ ଶାସନରେ ତିଷ୍ଠି ରହିଅଛି । ତେଣୁ ମୋର ଉକ୍ତ ଦୁଇଟି ସମର୍ଥକ ଦଳକୁ ଅନୁରୋଧ କି, ସେମାନେ ଯଦି ଜନତାଙ୍କୁ ମଙ୍ଗଳ ଚାହାନ୍ତି ବା ହୀତ କଥା ଚିନ୍ତା କରନ୍ତି, ତେବେ ତତ୍‌କ୍ଷଣାତ ସରକାରଙ୍କ ପାଖରୁ ସମର୍ଥନ ପ୍ରତ୍ୟାହାର କରନ୍ତୁ । ନୋଚେତ ଜନତା ତାଙ୍କୁ ମଧ୍ୟ ଦେଶର ଦୁର୍ଦ୍ଦଶା ପାଇଁ ସମଦୋଷୀ ମନେ କରିବେ ।

ସରକାର ତଥା ସମସ୍ତ ସଦସ୍ୟ ଆଜି ପାର୍ଲିଆମେଣ୍ଟର ସ୍ୱର ଶୁଣିବା ପାଇଁ ବଧିର ହୋଇଯାଇଛନ୍ତି । ତେଣୁ ବି.ଜେ.ପି ସ୍ଥିର କରିଅଛି କି, ସେ ୨୭, ମେ ଠାରୁ ୨ ଜୁନ ପର୍ଯ୍ୟନ୍ତ ଦେଶ ବ୍ୟାପି ପ୍ରଚାର ମାଧ୍ୟମରେ ଧାରଣା ଓ ଜେଲ ଭରୋ ଆନ୍ଦୋଳନ କରି ସମସ୍ତ ଜନତାଙ୍କୁ ଜାଗ୍ରତ କରାଇବ ।

**ଦେଶର ସୁରକ୍ଷା ଆଜି ସଙ୍କଟାମୟ ଅବସ୍ଥାରେ ।**

ଉ.ପା ଶାସନ କାଳରେ ଜାତୀୟ ସୁରକ୍ଷା ଆଜି ଭୂଲୁଣ୍ଠିତ । ଦେଶର ସମସ୍ତ ସୀମନ୍ତରେ ପଡ଼ୋଶୀ ରାଷ୍ଟ୍ରମାନେ ବିଭିନ୍ନ ସମସ୍ୟାମାନ ସୃଷ୍ଟି କରୁଛନ୍ତି । ବର୍ତ୍ତମାନର ଲଦାଖର ଦୌଲାତବେଗ ଓଡ଼ଲୀ ଅଞ୍ଚଳ ଏହାର ଏକ ସ୍ପଷ୍ଟ ଉଦାହାରଣ । ସେଠାରେ ଚାଇନାର ସେନା ନିର୍ଭୟରେ ଆମ ଅଞ୍ଚଳକୁ ମାଡ଼ିଆସି ତମ୍ବୁ ପକାଇ ରହିଥିଲେ । ମାତ୍ର ରାଜନୈତିକ ଇଚ୍ଛା ଶକ୍ତିର ଅଭାବରୁ ତିନି ସପ୍ତାହ ଧରି ତହାର କୌଣସି ସମାଧାନ ହୋଇ ପାରି ନଥିଲା । ସରକାର ତାହାର ସମାଧାନ ହୋଇ ଯାଇଛି ବୋଲି ପ୍ରକାଶ କଲେ ସୁଦ୍ଧା ମିଡ଼ିଆ ତଥ୍ୟରୁ ପ୍ରକାଶ କି, ଆମର କିଛି ପ୍ରତିରକ୍ଷା ସାମଗ୍ରୀର ନିର୍ମାଣ (ବଙ୍କର) ବନ୍ଦ କରିବା, ଓ କମ୍ପର ଉପତ୍ୟକାରୁ ପ୍ରତିରକ୍ଷା ହଟାଇବା ଆଦି ଉକ୍ତ ଡ଼ିଲରେ ସାମିଲ ହୋଇଥିଲା । ଦେଶର ଜାତୀୟ ସୁରକ୍ଷା ଓ ଅଖଣ୍ଡତା ନେଇ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯିବ, ସେଥିରେ ବି.ଜେ.ପି ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଉଅଛି ।

ଗତ ସପ୍ତାହରେ ବୈଦେଶିକ ବ୍ୟାପାର ମନ୍ତ୍ରୀ  ନିଜ ଅଫିସିଆଲ ଭ୍ରମଣରେ ଚାଇନାର ବେଜିଂକୁ ଯାଇଥିଲେ । ମାତ୍ର ସେ ଏସବୁ ଘଟଣାକୁ ନିଜ ଆଲୋଚନା ମଧ୍ୟକୁ ଆଣିନଥିବା ଘଟଣା ଶୁଣି ଖୁବ ଆଶ୍ଚର୍ଯ୍ୟ ତଥା ହତାଶ ବୋଧ ହୁଏ ।

ଲଦାଖର ପି.ଏଲ.ଏ ଏପରି କେବଳ ଗୋଟିଏ ଘଟଣା ନୁହେଁ । ପାକିସ୍ତାନର ଗ୍ୱାଦାର ବନ୍ଦରର ସାମରିକ ଦାୟିତ୍ୱ ଚାଇନା ହାତରେ ରହିବା, ପି.ଓ.କେ ରେ ଚାଇନାର ସେନା ମୂତୟନ ହେବା, ଆଜି ମଧ୍ୟ ଚାଇନା ଅରୁଣାଞ୍ଚଳ ପ୍ରଦେଶ ଦାବି କରିବା, କେବେ କେବେ ଜାମ୍ମୁ କାଶ୍ମୀରର ବାସିନ୍ଦାଙ୍କ ପାଇଁ ଭିସା ପ୍ରସ୍ତୁତ କରିବା, ବ୍ରହ୍ମପୁତ୍ରର ଅବିରତ ଧାରାକୁ ରୋକିବା ଆଦି ଘଟଣାକୁ ଲକ୍ଷ୍ୟ କଲେ ଉକ୍ତ ଘଟଣା ଭିନ୍ନ ମୋଡ଼ ନିଏ । ବି.ଜେ.ପି ଉ.ପା ସରକାରଙ୍କର ଏହି ବିଫଳ କୂଟନୀତି ପାଇଁ ଗଭୀର ଚିନ୍ତା ଓ କ୍ଷୋଭ ପ୍ରକଟ କରେ । ଚାଇନା, ପାକିସ୍ତାନ, ଶ୍ରୀଲଙ୍କା. ନେପାଳ, ମାଲଦୀଭ ଯାହା କ୍ଷେତ୍ରରେ ହେଉ ସବୁଠାରେ କୂଟନୀତି ଦିନକୁ ଦିନ ବିଫଳ ସାବ୍ୟସ୍ଥ ହେଉଅଛି ।

ଏନ.ଡ଼ି.ଏ ଶାସନ କାଳରେ ଦେଶର କୂଟନୀତି କେବଳ ହୃଷ୍ଟ ପୁଷ୍ଟ ନଥିଲା ବରଂ ଦୂରଦୃଷ୍ଟିବାନ ଓ ଆଦର୍ଶ ନୀତି ଯୁକ୍ତ ଥିଲା । ମାତ୍ର ଉ.ପା ସରକାର ଉକ୍ତ ନୀତି ନିୟମକୁ ନଷ୍ଟ ଭ୍ରଷ୍ଟ କରି ଦେଇଛି । ଏହି ଦୁର୍ବଳ ପ୍ରତିରକ୍ଷା ଓ କୂଟନୀତି ସହ ଯଦି ଉ.ପା ସରକାର ପୁଣି କ୍ଷମତାକୁ ଆସେ

ତେବେ ମୋର ଆଶଙ୍କା କି, ଏହା ନିଶ୍ଚିତ ଭାବରେ ଜାତୀୟ ସୁରକ୍ଷା ପାଇଁ ବିରାଟ ବିପଦ ସୃଷ୍ଟି କରିବ ଏବଂ ୨୦୧୪ ମସିହାରେ ଆଫଗାନିସ୍ତାନରୁ ନାଟୋ ର ସୁରକ୍ଷା ହଟାଇବା ପରେ ଦେଶର ଅବସ୍ଥା ଆହୁରି ଶୋଚନୀୟ ହୋଇ ଉଠିବ ।

**ଓ.ପି କୋହଲି**

**ମୁଖ୍ୟାଳୟ ପ୍ରମୂଖ**